# Lÿ^ÿ¯ÿæÓ LÿsLÿ H Sf¨¨†ÿ Lÿ¨¨{Áÿ¢ÿ {'ÿ¯ÿ

ଡକ୍ଟର ଲାବଣ୍ୟ ଚନ୍ଦ୍ର ସାହୁ

**ଶ**ବ୍ଦକୋଷ ଅନୁସାରେ 'କଟକ' ଶବ୍ଦର ଅର୍ଥ ହେଲା – ଶିବିର, ସେନାଛାଉଣୀ, ରାଜଧାନୀ, ସଦର ମହକୁମା ବା ମୁଖ୍ୟ ଶାସନ କେନ୍ଦ୍ର । ତେବେ 'କଟକ' କହିଲେ ମୁଖ୍ୟତଃ ଶାସନ କେନ୍ଦ୍ରକୁ ହିଁ ବୁଝାଇ ଥାଏ । ମୁଖ୍ୟ ଶାସନ କେନ୍ଦ୍ର ହୋଇଥିଲେ ସେଠାରେ ଶାସନକର୍ତ୍ତାଙ୍କ ଦୁର୍ଗ ବା ରାଜପ୍ରାସାଦ, ମନ୍ତ୍ରିମଣ୍ଡଳରେ ବିଚାରବିମର୍ଷ ପାଇଁ 'ଦରବାର' (ସଭାକକ୍ଷ), ଆଉ ସେନା ଛାଉଣୀ ଓ ଅସ୍ତ୍ରାଗାର ମଧ୍ୟ ଥାଏ ।

ଓଡ଼ିଆରେ ଗୋଟିଏ ପ୍ରବାଦ ଅଛି, 'ଯହିଁ ରାଜା, ତହିଁ କଟକ' । ପ୍ରାଚୀନ ଭାରତର ପୁରାଣ ପ୍ରସିଦ୍ଧ ନରାଜ ମଧ୍ୟରେ – ଅଯୋଧ୍ୟା କଟକ, ବୀରୁଣାବନ୍ତ କଟକ, ହସ୍ତିନା କଟକ, ମଥୁରା କଟକ, ଅବନ୍ତୀ କଟକ ତଥା ଇତିହାସରେ ଶ୍ରୀ ପୁରୁଷୋତ୍ତମ କଟକ (ପୁରୀ), ବିରଜା କଟକ (ଯାଜପୁର), ଖୁରୁଧା କଟକ (ଶ୍ରୀଜଗନ୍ନାଥ କଟକ), ଭଦ୍ରକ, କଟକ, ସୋନପୁର କଟକର ନାମ ସ୍ମରଣ କରାଯାଇପାରେ ଏପରିକି ତାମ୍ରଶାସନ ପଟ୍ଟା ଓ ଶିଳାଲେଖଗୁଡ଼ିକରେ ରେମୁଣା କଟକ, ଚହଟା କଟକ, ବାରାଣସୀ କଟକର ନାମ ଉଲ୍ଲେଖ ରହିଛି ।

ମଧ୍ୟଯୁଗୀୟ ଓଡ଼ିଶା ଇତିହାସରେ 'ପଞ୍ଚକଟକ'ର ପ୍ରସିଦ୍ଧି ରହିଛି । ଶାସନ ପରିଚାଳନା ଦୃଷ୍ଟିରୁ ଏହି ସ୍ଥାନଗୁଡ଼ଇକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ କେନ୍ଦ୍ର ଭାବରେ ତତ୍‌କାଳରେ ବିବେଚିତ ହେଉଥିଲା । ଐତିହାସିକ A. Sterling ସାହେବଙ୍କ ମତରେ (An Account of Orissa - 1822) Five Katakas or Royal Metropolies ହେଲା – ଯଥାର୍ଥରେ (୧) ବିରଜା–କଟକ, (୨) ଚୌଦ୍ୱାର–କଟକ, (୩) ସାରଙ୍ଗଗଡ଼ (ବାରଙ୍ଗ)–କଟକ, (୪) ଛତିଆ (ଅମରାବତୀ)–କଟକ, (୫) ବିଡ଼ାନାସୀ–କଟକ । ଏହା ଶ୍ରୀମନ୍ଦିର ମାଦଳା ପାଞ୍ଜିରେ ସ୍ୱୀକୃତ । ବାସୁକଳ୍ପ କେଶରୀ ଓରଫ୍ ଉଦ୍ୟୋତ କେଶରୀ (ଖ୍ରୀ ୧୦୪୦–୧୦୬୫)ଙ୍କୁ ଅମରାବତୀ କଟକର ଆଦି ନିର୍ମାତା କୁହାଯାଏ (୧)। ଖ୍ରୀ ୧୪୫୫ରେ କେଣ୍ଡୀଭିଡ଼ୁର ଶାସକ ଗଣଦେବଙ୍କ ତମ୍ବାପଟାରେ କପିଳେନ୍ଦ୍ରଙ୍କ ରାଜତ୍ୱ ସମୟର 'ମହାନଦୀ ଓ କଟକ'ର ନାମୋଲ୍ଲେଖ ରହିଛି (୨) । ସେହିପରି ମୋଗଲମାନଙ୍କଦ୍ୱାରା ଓଡ଼ିଶା ଅଧିକୃତ ହେବାପରେ ଏହାର ୯୯ ଗୋଟି ପ୍ରଗନାକୁ ନେଇ ଶାସନ ସୁବିଧା ଦୃଷ୍ଟିରୁ ପଞ୍ଚକଟକ ଭଳି ପାଞ୍ଚଟି ସରକାର ବା 'ସୁବା'ରେ ବିଭକ୍ତ କରାଯାଇ ଏହାକୁ ଶାସନ କରାଯାଉଥିଲା । ସମ୍ରାଟ୍ ଆକବରଙ୍କ ବିଶିଷ୍ଟ ପାର୍ଷଦ : ଆବୁଲ ଫାଜଲଙ୍କ ପ୍ରଣୀତ 'ଆକବରୀନାମା' ଗ୍ରନ୍ଥର ତୃତୀୟ ଖଣ୍ଡ ହେଲା– 'ଆଇନ୍–ଇ–ଆକବରୀ' । ଏଥିରେ ସେହି ୫ଟି ସୁବାର ନାମ ଉଲ୍ଲେଖ ଅଛି । ଯଥା – ୧. ଜଳେଶ୍ୱର, ୨. ଭଦ୍ରକ, ୩. କଟକ, ୪. କଟକ, ୫. ରାଜମହେନ୍ଦ୍ରା (ଅଧୁନା ଆନ୍ଧ୍ରରେ) । ପୂର୍ବର ଆଗଙ୍ଗା ଗୋଦାବରୀ କଳିଙ୍ଗ ସାମ୍ରାଜ୍ୟ, କ୍ଷୁଦ୍ରାକୃତ ହୋଇ, ମୁସଲମାନ ଶାସନ କାଳକୁ ଏକ 'ଦଣ୍ଡପାଟ', 'ସୁବା' ଅଥବା ଜିଲାରେ ସୀମିତ ହୋଇ ସାରିଥିଲା । ଏହି ଐତିହ୍ୟକୁ ବେଶୀ ଘାଣ୍ଟିଲେ ମନରେ ଖେଦ ଭରିଯାଏ ।

### କୃତ୍ତିବାସ 'କଟକ'

କ୍ଷେତ୍ର ଏକାମ୍ରଙ୍କ ଶ୍ରେଷ୍ଠ କୃତ୍ତିବାସୋ ନିକେତନମ୍ । ଉପର୍ଯ୍ୟୁକ୍ତ ଶାସନ କେନ୍ଦ୍ର ଭଳି, ଏକଦା ଏକାମ୍ରକ୍ଷେତ୍ର (ଭୁବନେଶ୍ୱର)ର କୃତ୍ତିବାସ କଟକ, ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ରଦେବ ତଥା ତଦୀୟପୁତ୍ର ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା (୩) । ସୋମବଂଶୀ ତଥା ପରେ ପରେ ଗଙ୍ଗ ରାଜତ୍ୱରେ (ଖ୍ରୀ ୧୧ଶରୁ ୧୩ଶ ଶେଷଯାଏ) ଏହି କୃତ୍ତିବାସ କଟକ ବା ଏକାମ୍ରନଗରୀ, ଅଧିକ ଲୋକପ୍ରିୟ ହୋଇ ପାରିଥିଲା । ଯଯାତି କେଶରୀ, ଉଦ୍ୟୋତ କେଶରୀ, ସୋମେଶ୍ୱର କେଶରୀ ଆଦି କେଶରୀ ରାଜାମାନେ ଏହି ପବିତ୍ର ନଗରରେ ବହୁ ଶିବ ମନ୍ଦିର ନିର୍ମାଣ ପୂର୍ବକ ଏହାର ଶୋଭାବର୍ଦ୍ଧନ କରିଥିଲେ (୪) । କୁହାଯାଏ କେଶରୀ ବଂଶର

ଶେଷରାଜା, କୃତ୍ତିବାସ ଲିଙ୍ଗରାଜଙ୍କୁ ସେବାକରି, ସିଦ୍ଧକେଶରୀ ନାମକରଣ କରିଥିଲେ । ଗଙ୍ଗରାଜତ୍ୱରେ ଖୋଦିତ ଲିଙ୍ଗରାଜ ମନ୍ଦିରରେ ସ୍ଥାପିତ ସମସ୍ତ ଶିଳାଲେଖ ତଥା ତାମ୍ରଫଳକରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କୁ – କୃତ୍ତିବାସ ଦେବ, କୃତ୍ତିବାସେଶ୍ୱର, କୀର୍ତ୍ତିବାସ, ଏବଂ ଶୈବକ୍ଷେତ୍ର ଭୁବନେଶ୍ୱରକୁ 'କୃତ୍ତିବାସ କ୍ଷେତ୍ର' ବୋଲି ଉଲ୍ଲେଖ ରହିଛି (୫) ।

ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବ, ଉତ୍କଳ ଓ କଳିଙ୍ଗାଧିପତି ଭାବରେ କଟକରେ (ଖ୍ରୀ ୧୧୧୨)ରେ ଅଧିଷ୍ଠିତ ହେବା ପରେ, ସର୍ବ ପ୍ରଥମେ ଏକାମ୍ର କ୍ଷେତ୍ର (ଭୁବନେଶ୍ୱର)କୁ ଆସି, କୀର୍ତ୍ତିବାସ ଭଟ୍ଟାରକଙ୍କ ନିକଟରେ ଶତସଂଖ୍ୟକ ବର୍ତ୍ତୀଯୁକ୍ତ ଅଖଣ୍ଡ ଦୀପ ଦାନ ପାଇଁ ଭୂମି ପ୍ରଦାନ କରିଥିଲେ (୬) । ଗଙ୍ଗ ଓ ସୂର୍ଯ୍ୟବଂଶୀ ଗଜପତିଙ୍କ ରାଜତ୍ୱରେ (ଖ୍ରୀ – ଦ୍ୱାଦଶରୁ ଷୋଡ଼ଶ ଯାଏ) ପ୍ରଣୀତ ଶୈବଗ୍ରନ୍ଥ ଗୁଡ଼ିକ ମଧ୍ୟରେ – ସ୍ୱର୍ଣ୍ଣାଦ୍ରି ମହୋଦୟ, ଶୈବ ଚିନ୍ତାମଣି, ଏକାମ୍ରପୁରାଣ, ଏକାମ୍ରଚନ୍ଦ୍ରିକା, କପିଳ ପୁରାଣ ଆଦିରେ – ଲିଙ୍ଗରାଜ ପ୍ରବର କୃତ୍ତିବାସ, କୃତ୍ତିବାସ ବାସୁଦେବ, କୃତ୍ତିବାସାନ୍ତକ, କୃତ୍ତିବାସ ଜଗନ୍ନାଥଙ୍କ ମହାତ୍ମ୍ୟ ଜାତ ହୋଇଛି । ସ୍ୱର୍ଣ୍ଣାଦ୍ରି ମହୋଦୟ (୪/୪୦–୪୧) ଓ ଏକାମ୍ର ଚନ୍ଦ୍ରିକା (୩/୮୩)ରେ ସ୍ୱର୍ଣ୍ଣକୁଟପତି ତ୍ରିଭୁବନେଶ୍ୱରଙ୍କୁ କୃତ୍ତିବାସ କୁହାଯାଇ ପ୍ରଣାମ ଜ୍ଞାପନ କରାଯାଇଛି । ଯଥା –

''କୃତ୍ତିବାସୋ ନମସ୍ତେଽସ୍ତୁ ଲିଙ୍ଗରାଜ ମହେଶ୍ୱର
ସ୍ୱର୍ଣ୍ଣକୂଟପତେଃ ଶମ୍ଭୋ ! ଜୟ ତ୍ରିଭୁବନେଶ୍ୱର ।''

ଅର୍ଥାତ୍ କୃତ୍ତିବାସ କ୍ଷେତ୍ରର ପ୍ରମୁଖ ତୀର୍ଥେଶ୍ୱର ହେଲେ– ତ୍ରିଭୁବନେଶ୍ୱର । ସେ 'କୃତ୍ତିବାସ' – ଲିଙ୍ଗରାଜ ଅଟନ୍ତି । ତାଙ୍କର ଅଧିଷ୍ଠାନ ହେଲା – କୃତ୍ତିବାସ କ୍ଷେତ୍ରସ୍ଥ – ସ୍ୱର୍ଣ୍ଣକୂଟ ପର୍ବତ । କଳିଙ୍ଗ ସମ୍ରାଟ୍ ଐରଖାରବେଳଙ୍କ 'ମହାମେଘ ବାହାନ' ଉପାଧିକୁ ମଧ୍ୟ କେତେକ ଐତିହାସିକ, କୀର୍ତ୍ତିବାସ ଲିଙ୍ଗରାଜଙ୍କ ସହିତ ସଂଯୁକ୍ତ କରନ୍ତି (୭) ।

ଏକାମ୍ରପୁରାଣରେ ବର୍ଣ୍ଣିତ ଏକ ଆଖ୍ୟାନରୁ ଜଣାଯାଏଁ ଯେ – ଭଗବାନ୍ ଶିବଶମ୍ଭୁ, ଦେବୀ ପାର୍ବତୀଙ୍କୁ ଏକାମ୍ରକ୍ଷେତ୍ରରେ ଦୌରାତ୍ମ୍ୟ କରୁଥିବା କୀର୍ତ୍ତି ଓ ବାସ ନାମକ ଦୁଇ ରାକ୍ଷସଙ୍କୁ ନିଧନ କରିବାରେ ସହାୟତା ପ୍ରଦାନ କରିଥିବାରୁ ସେ 'କୃତ୍ତିବାସ' ବା କୀର୍ତ୍ତିବାସ ନାମରେ ଖ୍ୟାତ ହେଲେ (୮) ।

### ଗଜପତି କପିଳେନ୍ଦ୍ର ଓ କୃତ୍ତିବାସ କଟକ

ଅନନ୍ତବର୍ମା ଚୋଡ଼ଗଙ୍ଗଙ୍କଠାରୁ ୪ର୍ଥ ଭାନୁଦେବ ଯାଏଁ, ଗଙ୍ଗରାଜାମାନେ ୩୦୦ ବର୍ଷ ଯାଏଁ, ବାରାଣସୀ କଟକରୁ ଶାସନ ଚଳାଇ ଥିଲେ । ଏହାପରେ ଗଙ୍ଗବଂଶର ଶେଷରାଜା : ମରଭାନୁ ଦେବ (ଭାନୁଦେବ–୪ର୍ଥ) ଦୁର୍ବଳ ଶାସକ ଥିବାରୁ ତାଙ୍କୁ ବିତାଡ଼ିତ କରି ବା ସୁଯୋଗ ନେଇ ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ । ଉତ୍କଳର ସିଂହାସନ ଦଖଲ କଲେ । କପିଳେନ୍ଦ୍ରଙ୍କର ବଂଶ ପରିଚୟ ଏବଂ ସିଂହାସନ ପ୍ରାପ୍ତି, ଇତିହାସରେ ଏକ କୁହେଳିକାପୂର୍ଣ୍ଣ ଅଧ୍ୟାୟ ହୋଇରହିଛି । ତାଙ୍କୁ ନେଇ, 'କାଶିଆ କପିଳା ଭେଟ' ପ୍ରସଙ୍ଗ ଉତ୍ଥାପିତ ହୋଇଛି । 'ମାଦଳାପାଞ୍ଜି' ମଧ୍ୟ ଏହି ବିଖ୍ୟାତ ବିଜୟୀ ସମ୍ରାଟଙ୍କ ବାଲ୍ୟକାଳକୁ ଏକ 'ଅଜ୍ଞାତ କୁଳଶୀଳ – ଭିକ୍ଷାଜୀବୀ ବାଳକ'ର ଆଣି ଥୋଇଛି । ମହାପ୍ରଭୁଙ୍କ ସ୍ୱପ୍ନାଦେଶ ବଳରେ ନିଃସନ୍ତାନ ଭାନୁଦେବ (୪ର୍ଥ) ତାଙ୍କୁ ଆଣି ନିଜର ଭାବୀ ବଂଶଧର ଭାବରେ ସିଂହାସନରେ ବସାଇବା କଥା, ମାଦଳାପାଞ୍ଜିରେ ଉଲ୍ଲେଖ ଅଛି (୯) ।

ଐତିହାସିକଙ୍କ ମତରେ କପିଳେନ୍ଦ୍ର ଥିଲେ ନିଶଙ୍କ ଭାନୁଦେବଙ୍କ ଦରବାରରେ ଜଣେ ଉଚ୍ଚପଦସ୍ଥ ପ୍ରତିଭା ସମ୍ପନ୍ନ ପାର୍ଷଦ । ତାଙ୍କର ପ୍ରଭୂତ ପ୍ରଭାବ ଥିଲା । ଏଣୁ ନିଶଙ୍କ ଭାନୁଦେବ ରାଜମହେନ୍ଦ୍ରୀର ରେଡ଼ିମାନଙ୍କ ସହିତ କ୍ଷୁଦ୍ଧଲିପ୍ତ ଥିବା ବେଳେ, କଟକରେ ତାଙ୍କର ଅନୁପସ୍ଥିତିର ସୁଯୋଗ ନେଇ, କପିଳେନ୍ଦ୍ର ସିଂହାସନ ଦଖଲ କଲେ (୧୦) । ଏହି ଶାସନ ହସ୍ତାନ୍ତର ବିନା ରକ୍ତପାତରେ ହୋଇ ଥିଲେ ମଧ୍ୟ, ନିଶଙ୍କ ଭାନୁଦେଙ୍କ କେତେକ ଅନୁଗତ ପାତ୍ରମନ୍ତ୍ରୀ କପିଳେନ୍ଦ ଦେବଙ୍କ ସିଂହାସନାରୋହଣର ବିରୋଧ କରିଥିଲେ । ଏହି ସବୁ କାରଣରୁ କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ବାରାଣସୀ କଟକ ପରିବର୍ତ୍ତରେ କୃତ୍ତିବାସ କଟକ (ଏକାମ୍ରକ୍ଷେତ୍ର)ରେ ଅନୁଷ୍ଠିତ ହୋଇଥିଲା । ଏବର ପୁରୁଣା ଭୁବନେଶ୍ୱରସ୍ଥିତ ପାପନାଶିନୀ ତୀର୍ଥର ଐଶାନ୍ୟ କୋଣରେ ଅବସ୍ଥିତ କପାଳିମଠର ଚଉତୁରା ଉପରେ କାଙ୍କର ରାଜ୍ୟାଭିଷେକ କାର୍ଯ୍ୟ ସତର୍କତାର ସହିତ ସମ୍ପନ୍ନ ହୋଇଥିଲା ବୋଲି ଏହି ତଥ୍ୟ ପ୍ରବୀଣ ଐତିହାସିକ ତଥା ରାଜ୍ୟ ସଂଗ୍ରହାଳୟର ପୂର୍ବତନ ଅଧକ୍ଷ ଡ଼ କେଦାରନାଥ ମହାପାତ୍ର, ଉଦ୍‌ଘାଟନ କରିଛନ୍ତି । ଏହି ଦିନଟି ଥିଲା –କକମ ୨୮ ଦିନ, ଶୁକ୍ଳ – ଚଉଠି – ବୁଧବାର (ମାଦଳାପାଞ୍ଜି : ପୃ–୪୩, ୧୯୪୦ ପ୍ରାଚୀ --- ପ୍ରକାଶନ) । ଜ୍ୟୋତିଷ ଗଣନା ଅନୁସାରେ ଖ୍ରୀ ୧୪୩୫ ମସିହା, ଜୁନ୍‌ମାସ – ୨୯ ତାରିଖ – ବୁଧବାର (ଆଷାଢ଼–ଶୁକ୍ଳ–୪ର୍ଥ)। ଏହି ଦିନଠାରୁ କପିଳାବ୍ଦ ଗଣାଯାଏ । 'The Temples of Bhubaneswar' ପୁସ୍ତକରେ ଡ଼ ମହାପାତ୍ର କହନ୍ତି – xx "Form 29th, June, 1435, an Era called Kapilabdla, is calculated in Orissa. To perpatuate the memory of his

coronation, he founded the village of Kapileswar at Kapilaprasad and build of Siva temple, after his name, which is the second important temple of Bhubaneswar."

କପିଳେନ୍ଦ୍ର ଦେବ, ରାଜ୍ୟାଭିଷେକ ପରେ କିଛିକାଳ କୃତ୍ତିବାସ କଟକରେ ଅବସ୍ଥାନ କରି ରାଜକାର୍ଯ୍ୟ ବୁଝାସୁଝା କରୁଥିବାର ଜଣାଯାଏ । ଏ ସଂପର୍କରେ ଐତିହାସିକ ସ୍ୱର୍ଗୀୟ ମହାପାତ୍ରଙ୍କ ଅଭିମତ ହେଲେ –

ଲିଙ୍ଗରାଜ ବେଢ଼ା ଦକ୍ଷିଣ ପାଖ ପ୍ରାଚେରୀର ଅଳ୍ପ ଦୂରରେ ଥିବା, ପ୍ରବେଶ ଦ୍ୱାର ବାଟେ, ରାଜପ୍ରସାଦରୁ ମନ୍ଦିର ବେଢ଼ା ଭିତରକୁ ଯାତାୟତ କରାଯାଉଥିଲା । ରାଜପ୍ରସାଦର ଧ୍ୱଂସାବଶେଷ ଭୂପରେ ସମ୍ପ୍ରତି ମଧୁସୂଦନ ହାଇସ୍କୁଲ ଅବସ୍ଥିତ । ରାଜାପ୍ରାସାଦର ମୂଳଭିତ୍ତି ପ୍ରାୟ ଅକ୍ଷୁର୍ଣ୍ଣ ଥିଲା । ଗତ ୩୦ ବର୍ଷ ମଧରେ ତାହା ନଷ୍ଟ ଭ୍ରଷ୍ଟ ହୋଇଛି । ଗଡ଼ର ଦକ୍ଷିଣକୁ, ଦକ୍ଷିଣଚଣ୍ଡୀ ନାମରେ ପ୍ରଖ୍ୟାତ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ଏକ ଭଗ୍ନ ମନ୍ଦିର ଏହି କୃତ୍ତିବାସ କଟକର ମୂକସାକ୍ଷୀ ରୂପେ ଅଦ୍ୟାପି ବିଦ୍ୟମାନ । ମହିଷାମର୍ଦ୍ଦିନୀ ଦୁର୍ଗା (ଦକ୍ଷିଣଚଣ୍ଡୀ) ଏହି ଦର୍ଗର ଆରାଧ ଦେବୀ ଥିଲେ ଏବଂ ଦୁର୍ଗର ନାମ ଥିଲା କୃତ୍ତିବାସ କଟକ (୧୨) ।

କପିଳେନ୍ଦ୍ର ଦେବଙ୍କ ରାଜ୍ୟଭାର ଗ୍ରହଣ ପରେ ଉପାନ୍ତ ଅଞ୍ଚଳରେ ବିଦ୍ରୋହ ଦେଖା ଦେଇଥିଲା । ନନ୍ଦପୁରର ଶିଳାବଂଶୀ, ବଡାଡିର ମତ୍ସ୍ୟବଂଶୀ ଓ ପଞ୍ଚ ଧାରଳାର ଚାଲୁକ୍ୟ ବଂଶୀ ସାମନ୍ତମାନେ ବିଦ୍ରୋହ କରିଥିଲେ । କପିଳେନ୍ଦ୍ର ଛତ୍ରଗଡ଼ଠାରେ ଶିବିର ସ୍ଥାପନ କରି ବିଦ୍ରୋହ ଶାନ୍ତ କଲେ । ଖେମଣ୍ଡି ବିଦ୍ରୋହ ଶାନ୍ତ ପରେ ସେ ମହେନ୍ଦ୍ର ପନ୍ତାର ରାଜ୍ୟଗୁଡ଼ିକର ପୁନର୍ବିନ୍ୟାସ କରିଥିଲେ । ଏହି କାର୍ଯ୍ୟରେ ତାଙ୍କୁ ପୁତ୍ର ପୁରୁଷୋତ୍ତମ ଦେବ ସହାୟତା ପ୍ରଦାନ କରିଥିଲେ । କପିଳେନ୍ଦ୍ରଙ୍କର ରାଜତ୍ୱର ଦୁଇବର୍ଷ ପରେ ମଧ ତାଙ୍କର କେତେକ ପୂର୍ବତନ କର୍ମଚାରୀ ଓ ସାମନ୍ତରାଜା ବିରୁଦ୍ଧାଚରଣ କରିଥିବାରୁ ଏକ ରାଜାଦେଶ (ଶିଳାଲେଖ) ବଳରେ ସେମାନଙ୍କୁ ସତର୍କ କରି ଦିଆଯାଇଥିଲା । ସେଥିରେ ନିର୍ଦ୍ଦେଶ ଥିଲା ଯେ, ଯେଉଁମାନେ ରାଜାଙ୍କ ଅହିତରେ ଥିବେ, ଏବଂ ଉକ୍ତ ଆଦେଶନାମାର ବିରୁଦ୍ଧାଚରଣ କରିବେ, ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବା ସହିତ, ରାଜ୍ୟରୁ ବିତାଡିତ କରାଯିବ (୧୩) । ଏହି ଘୋଷଣାଟି ମଧ କୃତ୍ତିବାସ କଟକରେ ଅବସ୍ଥାନ ସମୟରେ (ଖ୍ରୀ ୧୪୩୭) ମିଥୁନ ସଂକ୍ରାନ୍ତି ଖ୍ରୀଷ୍ଟ ମଙ୍ଗଳବାରରେ କରାଯାଇଥିଲା ।

କପିଳେନ୍ଦ୍ରଙ୍କ ପୁତ୍ର ପୁରୁଷୋତ୍ତମ ଦେବଙ୍କ ଏକ ଆଜ୍ଞାଦେଶ ମଧ 'କୃତ୍ତିବାସ କଟକ' (ଉଆସରୁ ଲିଙ୍ଗରାଜ ମନ୍ଦିରକୁ ଆସିବା ପଥରେ)ର ଏକ କ୍ଷୁଦ୍ର ଶିବମନ୍ଦିର ଗାତ୍ରରେ ଖଚିତ ଏକ ଶିଳାଲେଖରେ ଖୋଦିତ ହେବାର ଦେଖାଯାଏ । ଏହାର ଉତ୍କୀର୍ଣ୍ଣ ସମୟ – ଖ୍ରୀ ୧୧୪୮୧ ମସିହା – ଅକ୍ଟୋବର – ୨ ତାରିଖ । ଏଥିରେ ତାନ୍ତ୍ରିକମାନଙ୍କୁ ମନ୍ତ୍ରତନ୍ତ୍ର ଦ୍ୱାରା ପ୍ରଜାଗଣଙ୍କୁ, ମାରଣ, ସମ୍ମୋହନ, ଆଦି ଅନିଷ୍ଟ କ୍ରିୟାକଳାପରୁ ନିବୃତ୍ତ ହେବାକୁ ଚେତାବନୀ ଦିଆଯାଇଛି । ଏପରିକି ମାନ୍ତ୍ରିକମାନଙ୍କୁ ରାଜଦ୍ରୋହୀ ଓ ଦେବଦ୍ରୋହୀ ଭାବରେ ଘେଷଣା କରାଯାଇଥିଲା । ଏହି ଘୋଷଣା ମଧ କୃତ୍ତିବାସ କଟକରୁ ହୋଇଥିଲା (୧୪) ।

ଗୌଡ଼େଶ୍ୱର : ନବକୋଟି କର୍ଣ୍ଣାଟ କଳେବର୍ଗେଶ୍ୱର – ଗଜପତି କପିଳେନ୍ଦ୍ର ଦେବ –

ଦକ୍ଷିଣାତ୍ୟରୁ ଆବିଷ୍କୃତ ବହୁ ଶିଳାଲେଖ ଓ ତାମ୍ରଶାସନ ପ୍ରମାଣିତ କରେ ଯେ, କପିଳେନ୍ଦ୍ର ଥିଲେ – ଅତ୍ୟନ୍ତ ପ୍ରତାପଶାଳୀ ଦିଗ୍‌ବିଜୟୀ ସମ୍ରାଟ୍ । ବଂଗଦେଶ (ଉତ୍ତର ପୂର୍ବ)ଠାରୁ କାବେରୀ ନଦୀ ଔରାଙ୍ଗଲ୍‌ରଣତ ତାଙ୍କର ସାମ୍ରାଜ୍ୟ ବିସ୍ତୃତ ଥିଲା । ଗୌଡ଼ ଦେଶର ସୁଲ୍‌ତାନ୍, ମାନବର ମୁସଲମାନ, ବିଜୟନଗରର ଶକ୍ତିଶାଳୀ ସମ୍ରାଟ୍, କୃଷ୍ଣ ଉପତ୍ୟାକାର ତାନିଲ ରାଜ୍ୟ, ତଥା ବାହାମନିର ସୁଲତାନ୍‌ଙ୍କୁ ସମରାଙ୍ଗନରେ ପରାସ୍ତ କରି ଗୁଲବର୍ମା ସମେତ ୯ଗୋଟି ଦୁର୍ଗ ଅକ୍ତିଆର କରିଥିଲେ । ଗଜପତି କପିଳେନ୍ଦ୍ର ଅଧିକୃତ ୯ଗୋଟି ଦୁର୍ଗ ହେଲା – ୧. ବାଳମୁକୁନ୍ଦ, ୨. ଭିନୁକୋଣ୍ଡା, ୩. କୋଣ୍ଡାଭିଡୁ, ୪. ରାଜମହେନ୍ଦ୍ରୀ, ୫. ପେଦାପୁରମ୍, ୬. କାରୁଭଲାପିଲ୍ଲା, ୭. ଓଭାଡ଼ି, ୮. ପଟ୍ନୁର୍, ୯. ନାଗାର୍ଜୁନ କୋଣ୍ଡା । ଏହା ବ୍ୟତୀତ ଆହୁରି ଅନେକ ଦୁର୍ଗ ମଧରେ ଦକ୍ଷିଣାତ୍ୟର ଅନଙ୍ଗଗିରି, ଉଣ୍ଡକୋଣ୍ଡା, କାପୁଲିଭୟୀ, ନାଲାକୋଣ୍ଡା, କନକଗିରି, ଶଙ୍କରଗିରି, ଦୁର୍ଗଗୁଡ଼ିକ ତାଙ୍କ ଅଧୀନ ହେଲା । ତେଣୁ ସେ ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ହେଲେ । ମାଦଳାପାଞ୍ଜି ଅନୁସାରେ ସେ କୋଣ୍ଡାଭିଡୁ ଜୟକରି ଚନ୍ଦ୍ରାବତୀ ଦେବୀଙ୍କୁ ବନ୍ଦୀ କଲେ ଓ ଶ୍ରୀଶୈଳଠାରେ ବିଜୟସ୍ତମ୍ଭ ସ୍ଥାପନ କଲେ । ତାଙ୍କର ଚତୁରଙ୍ଗ ସେନା ବଳରେ ୨୦,୦୦୦ ହସ୍ତୀସେନା ଥିଲେ । ନିଜର ସାମ୍ରାଜ୍ୟକୁ ସେ ୯ ଗୋଟି ଦଣ୍ଡପାଟରେ ବିଭକ୍ତ କରି ଶାସନ ଚଳାଇଥିଲେ । ସେଗୁଡ଼ିକ ହେଲା – ଭଦ୍ରକ-ଭୀମନଗର – ବାରଙ୍ଗ – ଆଳି – ଲେମ୍ବାଇ ସରାଇ – ଚବିଶକୁଦ – କଳିଙ୍ଗ ରାଜମହେନ୍ଦ୍ରୀ – ଉଦୟଗିରି – ଜଳେଶ୍ୱର । ଓଡ଼ିଶା ଇତିହାସରେ ସେ ଦ୍ୱିତୀୟ ଖାରବେଳ ଭାବରେ 'କଳିଙ୍ଗ ଉତ୍କଳର' ଦିଗ୍‌ବିଜୟୀ

ସମ୍ରାଟର ଗୌରବ ଅର୍ଜନ କରିଥିଲେ । ଜଣେ ତେଜ, ବଳବୀର୍ଯ୍ୟ ପରିପୂର୍ଣ୍ଣ ପରାକ୍ରମୀ ସମ୍ରାଟ ଭାବରେ ଇତିହାସ ତାଙ୍କୁ ସମ୍ମାନ ଦିଏ । ସେ ଥିଲେ – ଦୟାର୍ଦ୍ର, ପ୍ରଜାବତ୍ସଳ, ଗୁରୁବ୍ରାହ୍ମଣ ଭକ୍ତି ପରାୟଣ ବ୍ୟକ୍ତି । ଉଭୟ ଶୈବ ଓ ବୈଷ୍ଣବଧର୍ମର ପୃଷ୍ଠ ପୋଷକତା କରିଥିଲେ । ଶ୍ରୀ ଶୈଳ ଶିଳା ଲେଖରେ ସେ ନିଜକୁ ଶିବ, ଦୁର୍ଗା, ପୁରୁଷୋତ୍ତମଙ୍କ ପୁତ୍ର ଭାବରେ ଅଭିହିତ କରିଛନ୍ତି । ବେଜୱାଡ଼ର ପାପନାଶିନ ଶିବ ମନ୍ଦିରକୁ ପ୍ରଚୁର ଅର୍ଥ ଦାନ କରିଛନ୍ତି । ଭୁବନେଶ୍ୱରର କପିଳେଶ୍ୱର ଶାସନ ଓ କପିଳେଶ୍ୱର ମନ୍ଦିରର ପ୍ରତିଷ୍ଠାତା ସେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ଥିଲା ତାଙ୍କର ଅଟଳାଚଳ ଭକ୍ତି । ଏଣୁ ଗଙ୍ଗରାଜ ଅନଙ୍ଗଭୀମଙ୍କ ପରି ଦାକ୍ଷିଣାତ୍ୟ ଦିଗ୍‌ବିଜୟରୁ ଲବ୍‌ଧ ଧନରତ୍ନ–ସ୍ୱର୍ଣ୍ଣାଦି, ମହାପ୍ରଭୁଙ୍କ ରତ୍ନ ଭଣ୍ଡାରକୁ ଦାନ କରିଥିଲେ । ନିଜକୁ ପ୍ରଭୁଙ୍କ ସେବକ ଓ ରାଉତ ଭାବରେ ଘୋଷଣା କଲେ । ଲୁଣ ଓ କଉଡ଼ି ଉପରୁ କର ଉଠାଇ ଦେଲେ ।

କପିଳେନ୍ଦ୍ର ଦେବ ଥିଲେ ଗଭୀର ସଂଗୀତାନୁରାଗୀ ବିଦ୍ୱାନ । ସାହିତ୍ୟ, ସଂଗୀତ ଓ ନାଟ୍ୟକଳାରେ ଗଭୀର ଶ୍ରଦ୍ଧା ଥିଲା । ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ – ‘‘ସୁଦୂର ତୁଙ୍ଗଭଦ୍ରା ନଦୀ ପର୍ଯ୍ୟନ୍ତ ସମଗ୍ର ଉପକୂଳ ଅଞ୍ଚଳ, କପିଳେନ୍ଦ୍ରଦେବଙ୍କର ସାମ୍ରାଜ୍ୟଭୁକ୍ତ ଥିଲା । ଯେଉଁ କୋଣ୍ଡାଭିଡୁରେ ଦିନେ ସଙ୍ଗୀତ ଓ ନାଟ୍ୟ ବିଶାରଦମାନେ ସଙ୍ଗୀତ ଗବେଷଣାର ଉପାୟନ ଲାଭ କରିଥିଲେ ଏବଂ ରେଡ଼ି ବଂଶର ସହାନୁଭୂତି ପାଇଥିଲେ, ସେମାନେ ସବୁ ଆସି କପିଳେନ୍ଦ୍ରଙ୍କର ଦରବାର ମଣ୍ଡନ କରିଥିଲେ । ଉତ୍ତମ ଗାୟକ ଏବଂ ନାଟ୍ୟଶାସ୍ତ୍ରଜ୍ଞମାନଙ୍କୁ, କପିଳେନ୍ଦ୍ର ନୀଳାଚଳ ଧାମରେ ରଖାଇ ଶ୍ରୀମନ୍ଦିରରେ ନାଚଗୀତ ଶିକ୍ଷା ଦେଇଥିଲେ (୧୫) । ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି, କପିଳେନ୍ଦ୍ରଙ୍କ ରାଜତ୍ୱରୁହିଁ ସମ୍ଭବ ହେଲା । ସେ ଥିଲେ ‘ପର୍ଶୁରାମ ବିଜୟ’ ନାଟକର ରଚୟିତା । ତାଙ୍କ ଭଣିତା ହେଲା – ଗଜପତିନାଂ ଶ୍ରୀ କପିଳେନ୍ଦ୍ର ଦେବେ କିରଚିତଂ ଅୟଂ ବ୍ୟାୟୋଗଃ’ । ଏହି ନାଟକରେ ପ୍ରାକୃତ ପରିବର୍ତ୍ତରେ ଓଡ଼ିଆ ଭାଷାର ପ୍ରୟୋଗ ହେଲା । ସେ ତେଲେଙ୍ଗାନାରୁ ଦକ୍ଷିଣୀ ନର୍ତ୍ତକୀ ମଗାଇ, ଜଗନ୍ନାଥଙ୍କ ଭୋଗ, ସମୟରେ ନାଚଗୀତ ପ୍ରଚଳନ କରିଥିଲେ । ସବୁଠାରୁ ମହତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା – କପିଳେନ୍ଦ୍ରଙ୍କ ରାଜତ୍ୱରୁ ଓଡ଼ିଶାର ଭାଷା ସାହିତ୍ୟ, ସଂସ୍କୃତର ନିଗଡ଼ ବନ୍ଧନୀରୁ ମୁକ୍ତ ହୋଇ, ଓଡ଼ିଆ ଭାଷାଭିମୁଖୀ ହେଲା । ଏହାର ବଳିଷ୍ଠ ପ୍ରମାଣ ହେଲା ଓଡ଼ିଶା ମାଟିର ମହାକବି ସାରଳା ଦାସଙ୍କ ଓଡ଼ିଆ ଭାଷାରେ ରଚିତ ମହାଭାରତ । ସାରଳା ଦାସ ନିଜେ କହନ୍ତି –

‘ପ୍ରଣିପତ୍ୟେ ଖଟଇ କପିଳେଶ୍ୱର ମହାରାଜ
ତେତିଶ କୋଟି ଦେବତା, ଚରଣେ ଯାର ପୂଜା ।’

ଭୁବନେଶ୍ୱରର କପିଳେଶ୍ୱର ଦେଉଳ, ଜଗମୋହନ, ନାଟମନ୍ଦିର, ଭୋଗମଣ୍ଡପ କପିଳେନ୍ଦ୍ରଙ୍କ କୀର୍ତ୍ତି । ରାଜକାର୍ଯ୍ୟ ତଦାରଖ ଉଦ୍ଦେଶ୍ୟରେ ଦକ୍ଷିଣାତ୍ୟରୁ ଯାତ୍ରା କରିଥିବା ଅବସରରେ କୃଷ୍ଣାନଦୀ ତଟସ୍ଥିତ ବେଜୱାଡାଠାରେ ଖ୍ରୀ ୧୪୬୭ରେ ଏହି ସମ୍ରାଟଙ୍କ ଦେହାନ୍ତ ହେଲା ।

ଗଜପତି କପିଳେନ୍ଦ୍ର ଥିଲେ – ଯଥାର୍ଥରେ ଓଡ଼ିଆ ଜାତିର ଓ ଓଡ଼ିଆ ମାଟିର ଗର୍ବ ଓ ଗୌରବରେ ଦୀପଶିଖା । ତାଙ୍କ ରାଜତ୍ୱର ପ୍ରଥମ ଭାଗରେ ‘ଓଡ଼ିଆ ଅଭିଲେଖ’ – ଖ୍ରୀ ୧୪୩୭ରେ ଲିଙ୍ଗରାଜ ମନ୍ଦିର ଗାତ୍ରରେ ଖଚିତ ହେବା ଫଳରେ – ‘ବାରାଣସୀ କଟକ’, ପୁରୁଷୋତ୍ତମ କଟକ’ ସହିତ ‘କୃତିବାସ କଟକ’ର ରାଜନୈତିକ ଓ ଧାର୍ମିକ ପ୍ରାଧାନ୍ୟ ବୃଦ୍ଧି ପାଇଥିଲା ।

## (କ) ପାଦଟୀକା

୧. ନାହିଁ ବସୁକଷ୍ଟ ରାଜା ଗଡ଼ କରିଥାଇ : ଚାଟ ଚଉତିଶା : ଶିଶୁ ଅନନ୍ତ ।

୨. Indian Antiquity - 1891 (pp.391)

୩. କୀର୍ତ୍ତିବାସ କଟକରେ ଗଜପତି କପିଳେନ୍ଦ୍ରଦେବଙ୍କର ରାଜ୍ୟାଭିଷେକ ହେତୁ, ଏହାର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ଗଜପତି କପିଳେନ୍ଦ୍ର ଦେବଙ୍କ ଓଡ଼ିଆ ଅଭିଲେଖ, ଖ୍ରୀ ୧୪୩୭ରେ ଯଥାର୍ଥରେ ଉଲ୍ଲେଖ ଅଛି –

‘‘କପିଳେନ୍ଦ୍ରଦେବ ମହାରାଜାଙ୍କ, ବିଜେ ରାଜ୍ୟେ ସମସ୍ତ ୪ ଅଙ୍କ, ମିଥୁନ – ସଂକ୍ରାନ୍ତି – କ୍ରିଷ୍ଣ – ମଙ୍ଗଳବାରେ କୃତିବାସ କଟକ ଭିତରେ...।’’

୪. Someswar Keshari (The famous king of Keshari Kula) was the great builder and profound scholar. xx He beautified the Town of Krutibas, Bhubaneswar : Utkal Branch after Udyat Keshari (OHRJ-Special Volume - 1982)

୫. ଭଗବତଃ କୀର୍ତ୍ତିବାସ ଭଟ୍ଟାରକାୟ (ଜଗମୋହନ ଶିଳା ଲେଖ : (ଲିଙ୍ଗରାଜ) ୫ମ ଧାଡ଼ି : ଖ୍ରୀ ୧୧୧୨

ଦୀପ୍ତିମଖଣ୍ଡକ ଶ୍ରୀ କୀର୍ତ୍ତିବାସାୟ : ତତ୍ରୈବ (୨ୟ ଧାଡ଼ି) ଖ୍ରୀ ୧୧୩୧

କୀର୍ତ୍ତିବାସ ଦେବସ୍ୟ ... : ଅନିୟଙ୍କ ଭୀମଦେବ କଳାପାଟ ଦ୍ୱାରଲେଖ (୯, ୧୦ ଧାଡ଼ି) ଖ୍ରୀ ୧୨୩୦

୬. ଲିଙ୍ଗରାଜ ମନ୍ଦିରର ଜଗମୋହନ ପୂର୍ବ କାନ୍ଥରେ ୨'.୩'' x ୧'.୧'' ପରିମିତ ସ୍ଥାନରେ ୮ ଧାଡ଼ିରେ ଖୋଦିତ ହୋଇଛି, ଚୋଡଗଙ୍ଗଙ୍କ ଶିଳାଲେଖ । ସେଥିରେ ୧୦୦ଟି ବଳିତାଯୁକ୍ତ ଅଖଣ୍ଡ ଦୀପ, କୀର୍ତ୍ତିବାସ ଭଟ୍ଟାରକଙ୍କ ପାଖରେ ଜାଳିବା ନିମିତ୍ତ ବାର୍ଷିକ ୨୪ କୁଞ୍ଚା ତେଲେ, ଆଦାୟ ଭାର, ଏକ ତେଲି ବା ପାଟକକୁ ଦିଆଯାଇ, ସେଥିପାଇଁ ଭୂମିଦାନ କରାଯାଇଥିଲା । (ଭୁବନେଶ୍ୱର ଶିଳାଲେଖ : ପୃ-୧୧, ମହାପାତ୍ର କେଦାରନାଥ) ।

୭. xxx From Bayupuran, we came to know, that the name of 22nd Kalpa, is Meghavahan'. It is stated therein that, in that Kalpa, Mahavahu Mahavishnu, took the shape of Megha (cloud) and carried the God-Maheswar, Krutibas for Divya 1000 years. xxx . The emperor of Kalinga, having their capital at Khandagiri, might have derives the title of Mahameghavahan, after the God Krutibas of Bhubaneswar.xxx

''ଯତ୍ର ବିଷ୍ଣୁ ମହାବାହୁ ମେଘୀଭୂତ୍ୱା ମହେଶ୍ୱରମ୍
ଦିବ୍ୟ ବର୍ଷ ସହସ୍ରଂ ତୁ ଆବାର୍ହତ କୀର୍ତ୍ତିବାସମ୍ ... ''

A note on Mahameghavahan - Narayan Tripathy (Journal of Orissa Akademy Vol.I, 10/1937)

୮. ବାରାଣସୀ ଗୃହ୍ୟଲିଙ୍ଗ କୃତ୍ତିବାସେଶ୍ୱରଙ୍କ ମହାତ୍ମ୍ୟ ସଂପର୍କରେ ମଧ୍ୟ କୂର୍ମ ପୁରାଣରେ ଏକ ରୋଚକ ପ୍ରସଙ୍ଗ ରହିଛି । ତାହା ଏହିପରି ପ୍ରଚୀନ କାଳରେ ଏକ ରାକ୍ଷସ, ଏକ ହାତୀଭୁଣ ଧରି ଭଗବାନ ଶଙ୍କରଙ୍କ ସେବାୟତ ବ୍ରାହ୍ମଣଙ୍କୁ ଆକ୍ରମଣ କଲା । ସେବକଙ୍କ ରକ୍ଷାପାଇଁ ଶିବଶମ୍ଭୁ, ଲିଙ୍ଗ ମଧ୍ୟରୁ ପ୍ରକଟ ହେଲେ । ସେହି ଦୁଷ୍ଟ ରାକ୍ଷସକୁ ଶୂଳଦ୍ୱାରା ନିଧନ କରି ତାହାର ଚର୍ମକୁ ସର୍ବାଙ୍ଗରେ ଧାରଣ କରିବାରୁ ସେହି ଦିନଠାରୁ ସେ କୃତ୍ତିବାସେଶ୍ୱର ହେଲେ । (କଲ୍ୟାଣ (ହିନ୍ଦୀ) କୂର୍ମ ବିଶେଷାଙ୍କ ! ଗୀତା ପ୍ରେସ୍ - ଗୋରଖପୁର)

୯. ମାଦଳାପାଞ୍ଜି (୧ମ) : ସଂପାଦନା ଆର୍ତ୍ତବଲ୍ଲଭ ମହାନ୍ତି । (କପିଳେଶ୍ୱର ମହାରାଜାଙ୍କର ପାଟ କକଡା - ୨, ଶୁକ୍ଳ-ଚଉଠି- ବୁଧବାର କୃତ୍ତିବାସ କଟକେ, ଅଭିଷେକ ହୋଇ ରାଜା ହୋଇଲେ)

୧୦. ଭାନୁଦେବ (୪ର୍ଥ) ଦାକ୍ଷିଣାତ୍ୟରେ ରେଡ଼ିବଂଶ ସହିତ ଯୁଦ୍ଧଲିପ୍ତ ଥିବା ବେଳେ, କପିଳେନ୍ଦ୍ର ରାଜ୍ୟାଦୀ ଦଖଲ କଲେ । ଭାନୁଦେବ ନିରୁପାୟ ହୋଇ ଗୁଡ଼ାରି କଟକ (ପାରଳାଖେମଣ୍ଡି)ରେ ଶାସନ କଲେ । ଉତ୍ତରପଟୁ ହୁସାଂହ ସାହା, କପିଳେନ୍ଦ୍ରଙ୍କୁ ସୁଯୋଗ ଦେଲେ । କପିଳେନ୍ଦ୍ର, ରାଉତରୁ 'ମହାପାତ୍ର ଭ୍ରମରବର' ଓ ଶେଷକୁ ଗଜପତି ବୋଲାଇଲେ । କପିଳେନ୍ଦ୍ରଙ୍କର ପିତାଙ୍କ ନାମ - ଯଦୁଶ୍ୱେର । ମାତା - ବେଲାମ୍ମା । ଏଣୁ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ତାଙ୍କୁ ଗଞ୍ଜାମର ଲୋକ ବୋଲି କହନ୍ତି । (ପୃ. ୫୧ ମଦଳାପାଞ୍ଜି : ମୃତ୍ୟୁଞ୍ଜୟ ନାୟକ)

୧୧. କପାଳ ମଠର ଉଚ୍ଚ ଚଉତୁରା ଉପରେ କପିଳେନ୍ଦ୍ରଙ୍କର ରାଜ୍ୟାଭିଷେକ ଉତ୍ସବ ସମ୍ପନ୍ନ ହୋଇଥିବାର କିମ୍ବଦନ୍ତି ଅଛି । ଏହାର ପୂର୍ବ ପଶ୍ଚିମରେ ପାବଛ ଶ୍ରେଣୀଯୁକ୍ତ ୨ଟି ପ୍ରବେଶ ଦ୍ୱାର ଅଛି । (କପାଳି ମଠ ବାଡ଼ସ୍ଥିତ ଲେଖ : ପୁସ୍ତକ : ଭୁବନେଶ୍ୱର ଶିଳାଲେଖ - ମହାପାତ୍ର କେଦାର ନାଥ ମିଶ୍ର)

୧୨. It has got historical impotance onDurga (Dakshina Chandi) become the presiding deity of the Castle cattled, Krutibas Kataka in Lingaraj temple inscription as 4th Anka, of Gajapati Kapilendra Dev -

କୀର୍ତ୍ତିବାସ କଟକ ଭିତରେ ପୂଜା ଅବକାଶେ .... This proved that this 'KATAKA', as well as the presiding deity, was existign before Kapilendra Dev (Temple of BBSR. By Mahapatra K.N.)

୧୩. ''ଆମ୍ଭର ଓଡ଼ିଶା ରାଜ୍ୟେ କେତେ ରାଜ ସୁଣ । ସବୁହେ ରଜାଙ୍କ ହିତେ ବ୍ରତୀ ଜେ ଆପଣାର ସଦାଚାରେ ଥିବେ । ଅସଦ୍ ମାର୍ଗେ ନ ରହିବେ । ରାଜାଙ୍କ ଅଣହିତେ ବ୍ରତିଲେ, ରାଜ୍ୟ ବାହାର କରି ତାହାର ସର୍ବସ୍ୱ ହରି ।''

(ଗଜପତି କପିଳେନ୍ଦ୍ର ଦେବଙ୍କ ଓଡ଼ିଆ ଅଭିଲେଖ : କେଦାରନାଥ -ପୃ -୩୩, Inscription discovered and edited by Manmohan Chakravarty : J.A.G.B. 1893. pp. 92-100)

୧୪. ୧୯ ଅଙ୍କ - ସ୍ରାହି - ତୁଳେ - ବୃ - ୨ ରଇବାରେ କୃତ୍ତିବାସ କଟକେ (କେଦାରନାଥ - ପୃ - ୩୫)

୧୫. ସଙ୍ଗୀତ ପାରିଜାତ ଗ୍ରନ୍ଥକର୍ତ୍ତା ଡ. ସତ୍ୟନାରାୟଣ ରାଜଗୁରୁ - କୋଣାର୍କ (୧୯୮୧-ପୃ-୨୧)

## (ଖ) ସହାୟକ ଗ୍ରନ୍ଥସୂଚୀ

୧. ଏକାମ୍ର ପୁରାଣ / ଏକାମ୍ର ଚନ୍ଦ୍ରିକା / ସ୍ୱର୍ଣ୍ଣାଦ୍ରି ମହୋଦୟ / ସାରଳା ମହାଭାରତ

୨. ଭୁବନେଶ୍ୱର ଶିଳା ଲେଖ : ମହାପାତ୍ର କେଦାର ନାଥ

୩. ମାଦଳା ପାଞ୍ଜି : ଆର୍ତ୍ତବଲ୍ଲଭ ମହାନ୍ତି / ମୃତ୍ୟୁଞ୍ଜୟ ନାୟକ

୪. କୋଣାର୍କ (୪୪ଶ ସଂଖ୍ୟା - ୧୯୮୧), ଓଡ଼ିଶା ସାହିତ୍ୟ ଏକାଡ଼େମୀ

୫. ସମାଜ ଶ୍ରାଦ୍ଧ ବାର୍ଷିକୀ ସଂଖ୍ୟା - ୧୯୯୨

୬. କୃତ୍ତିବାସ କଟକ (ପ୍ରବନ୍ଧ) ସାହୁ ଡ. ଲାବଣ୍ୟ ଚନ୍ଦ୍ର ପୌରୁଷ

୭. କଲ୍ୟାଣ ହିନ୍ଦୀ - ଗୀତା ପ୍ରେସ୍ - ଗୋରଖପୁର

୮. ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ - ପରମାନନ୍ଦ ଆଚାର୍ଯ୍ୟ

୯. Prachi Vol.II/1931-321 - A.B. Mahanty

୧୦. The History of Gajapati Kings of Orissa - P. Mukherjee

୧୧. Temples of Orissa - K.S. Behera / O.H.R.J. Vol.XXIX-1983.

୧୨. Odisi Dance - D.N. Patnaik

୧୩. Inscription of Orissa - Vol.I-V- Rayagara.



ଅଭିନନ୍ଦନ, ୩୫, ବସନ୍ତ ବିହାର
ବ୍ରହ୍ମେଶ୍ୱର ମନ୍ଦିର ମାର୍ଗ, ଭୁବନେଶ୍ୱର-୧୮




ରଥଯାତ୍ରା ଉପରେ ଆଧାରିତ ଡାକଟିକଟ ଉନ୍ମୋଚିତ ହେବା ପରେ ଦର୍ଶକମାନଙ୍କ ପାଇଁ ପ୍ରଦର୍ଶିତ ହୋଇଛି ।
ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ
ଶ୍ରୀ ଗୁରୁଦାସ କାମାତ ଓ ଅନ୍ୟମାନେ । ୧୨.୦୭.୧୦